କିଷାନ ଯଶୱନ୍ତ ଧିରାଦେ

ବନାମ

ସୋନାବାଇ ବାପୁ ଲୋହାର ଏବଂ ଅନ୍ୟମାନେ

ଏପ୍ରିଲ 10, 2001

[ସୟଦ ଶାହ ମହମ୍ମଦ କାଦରୀ ଏବଂ ଏସ୍. ଏନ୍. ବାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*ବମ୍ବେ ପ୍ରଜାସ୍ୱତ୍ତ୍ୱ ଏବଂ କୃଷି ଜମି ଅଧିନିୟମ, 1948:*

*ଧାରା 2 (6) ଏବଂ 37 (1)— ଜମି ଦଖଲ ପୁନରୁଦ୍ଧାର ପାଇଁ ଭାଗଚାଷୀଙ୍କ ଦାବି— ଭାଗଚାଷୀ, ଧାରା 31 ଅନୁଯାୟୀ ଜମି ମାଲିକଙ୍କୁ ଜମି ଅଧିକାର ହସ୍ତାନ୍ତର କରିଛନ୍ତି— ଜମି ମାଲିକଙ୍କ ବିଧବା ପତ୍ନୀ, ପ୍ରାୟ 11 ବର୍ଷ ଏବଂ 11 ମାସ ପରେ ଜମିକୁ ଲିଜରେ ଦେଇଛନ୍ତି— ମୂଳ ଭାଗଚାଷୀ ନିଜର ଦଖଲ ଫେରିପାଇବା ପାଇଁ ଏହି ଆଧାରରେ ଦାବି କରିଛନ୍ତି ଯେ, 12 ବର୍ଷର ବୈଧାନିକ ଅବଧି ଶେଷ ହେବା ପୂର୍ବରୁ ହିଁ ସେହି ଜମିକୁ ଅନ୍ୟ କାହାକୁ ଲିଜରେ ଦିଆଯାଇଛି— ଜଣେ ବିଧବା ଜମିର ପୁନରୁଦ୍ଧାର ପାଇଁ ଏହି ଆଧାରରେ ଯୁକ୍ତି କରିଛନ୍ତି ଯେ, ଜଣେ ବିଧବା ହୋଇଥିବାରୁ ତାଙ୍କର ଜମିକୁ ନିଜେ ଚାଷ କରିବାର ଅଧିକାର ଅଛି, ଯାହା ଭାଗଚାଷୀ ମାଧ୍ୟମରେ ଚାଷ କରାଇବା ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଆଇନର ଧାରା 2 (6) ରେ ସ୍ପଷ୍ଟ କରାଯାଇଛି— ନିର୍ଣ୍ଣୟ ହୋଇଛି, ପ୍ରାୟ ଏଗାର ବର୍ଷ ଏବଂ ଏଗାର ମାସ ଧରି ଏହି ଜମିକୁ ବ୍ୟବହାର କରି ସେ ଧାରା 37 ରେ ଥିବା ବାର ବର୍ଷର ପ୍ରତିବନ୍ଧକକୁ ଉଲ୍ଲଙ୍ଘନ କରିନାହାନ୍ତି ବୋଲି ବିଚାର କରିବାର ଯଥାର୍ଥତା ରହିଛି ।*

*ଧାରା 2 (6)— ବ୍ୟାଖ୍ୟା I— "ବ୍ୟକ୍ତିଗତ ଭାବେ ଚାଷ କରିବା" ଅଭିବ୍ୟକ୍ତି— ଜଣେ ବିଧବା, ନାବାଳକ, ଶାରୀରିକ ବା ମାନସିକ ଅକ୍ଷମ ବ୍ୟକ୍ତି କିମ୍ବା ସଶସ୍ତ୍ର ବାହିନୀରେ କାର୍ଯ୍ୟରତ ସଦସ୍ୟଙ୍କ କ୍ଷେତ୍ରରେ ନିର୍ଣ୍ଣୟ ନିଆଯାଇଛି । ନିଜ ହିସାବରେ ଜମିର ଚାଷ ଶ୍ରମିକଙ୍କ ସେବକଙ୍କ ମାଧ୍ୟମରେ କିମ୍ବା ଭାଗଚାଷୀଙ୍କ ମାଧ୍ୟମରେ ଅନ୍ତର୍ଭୁକ୍ତ— ଉତ୍ତରଦାତା ଜଣେ ବିଧବା ଏବଂ ତାଙ୍କ ପୁଅକୁ ମଧ୍ୟ ହରାଇଛନ୍ତି— ଯଦିଓ ସେ ଜମିକୁ ଲିଜରେ ଦେଇଥିଲେ, ସେ ଉକ୍ତ ବାକ୍ୟାଂଶର ଅର୍ଥ ମଧ୍ୟରେ ବ୍ୟକ୍ତିଗତ ଭାବରେ ଜମି ଚାଷ କରୁଥିବା ବିବେଚନା କରାଯିବ ।*

*ଧାରା 2 (6) ବ୍ୟାଖ୍ୟା II— ବ୍ୟାଖ୍ୟା II ରେ ଉଲ୍ଲେଖ କରାଯାଇଥିବା ଭାଗଚାଷୀ ସେହି ଭାଗଚାଷୀ ନୁହଁନ୍ତି ଯିଏ ଧାରା 31 ଅନୁଯାୟୀ ଜମିର ଦଖଲକୁ ସମର୍ପଣ କରିଥିଲେ ।*

*ଶବ୍ଦ ଏବଂ ବାକ୍ୟାଂଶ:*

*"ବ୍ୟକ୍ତିଗତ ଭାବେ ଚାଷ କରିବା "— ଅର୍ଥ*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3024/1997

23.6.94 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ. ପି. ସଂଖ୍ୟା 3099/1989 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସୁଶ୍ରୀ ପ୍ରୋମିଲା, ସୁଶ୍ରୀ ଅନୁରାଧା ରସ୍ତୋଗୀ ଏବଂ ଟି. ରାଜା ଆବେଦନକାରୀଙ୍କ ପାଇଁ ।

ମନୋଜ ସ୍ୱରୂପ ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀ ହେଉଛନ୍ତି ସେହି ଅସନ୍ତୁଷ୍ଟ ଭାଗଚାଷୀ, ଯିଏ କି ଅହମ୍ମଦନଗର ଜିଲ୍ଲା ନେୱାସା ତାଲୁକାର ବେଲପିମ୍ପଲଗାଓଁ ଠାରେ ଅବସ୍ଥିତ ସର୍ବେକ୍ଷଣ ସଂଖ୍ୟା 205 ର 13 ଏକର 5 ଗୁଣ୍ଠ ବିଶିଷ୍ଟ କୃଷି ଜମିର ଦଖଲ ଛାଡ଼ିଦେଇଥିଲେ । June 23, 1994 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଆଜ୍ଞାଦେଶ ଆବେଦନ ସଂଖ୍ୟା 3099/1989 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ସେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆମ ପାଖରେ ଆବେଦନ କରିଛନ୍ତି, ଯାହା ପ୍ରଥମେ ବମ୍ବେ ବିଚାରପୀଠରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 3742/1981ନାମରେ ଆଗତ କରାଯାଇଥିଲା କିନ୍ତୁ ପରେ ଔରଙ୍ଗାବାଦ ବିଚାରପୀଠକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପୁନଃ ସଂଖ୍ୟାକୃତ କରାଯାଇଥିଲା ।

ଏହି ଆବେଦନର ଫଏସଲା ପାଇଁ ଥିବା ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ସଂକ୍ଷେପରେ ଉଲ୍ଲେଖ କରାଯାଇପାରେ । ଉତ୍ତରଦାତା ହେଉଛନ୍ତି ସ୍ୱର୍ଗତ ବାପୁ ଲୋହାରଙ୍କ ବିଧବା ପତ୍ନୀ ଯିଏ ଉକ୍ତ ଜମିର ମାଲିକ ଥିଲେ । ପ୍ରଥମ ସ୍ତରର ରାଜସ୍ୱ ଅଧିକାରୀଙ୍କ ନିକଟରେ ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ, ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ 1948 ର ଧାରା 31 ଅନୁଯାୟୀ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ସେ ଜମିର ଦଖଲ ଉତ୍ତରଦାତାଙ୍କ ସ୍ୱାମୀଙ୍କୁ ହସ୍ତାନ୍ତର କରିଥିଲେ କିନ୍ତୁ, 12 ବର୍ଷର ବୈଧାନିକ ଅବଧି ଶେଷ ହେବା ପୂର୍ବରୁ, ଉତ୍ତରଦାତା ସେହି ଜମିକୁ 21 ମାର୍ଚ୍ଚ 1969 ରେ ଦାମୁ କାଲୁ ସୂର୍ଯ୍ୟବଂଶୀ ନାମକ ଜଣେ ବ୍ୟକ୍ତିଙ୍କୁ ଲିଜରେ ଦେଇଦେଇଥିଲେ, ତେଣୁ, ସେହି ଜମିର ଦଖଲ ପୁନର୍ବାର ଫେରି ପାଇବାକୁ ସେ ହକଦାର ଥିଲେ । ଉତ୍ତରଦାତା ଦୁଇଟି ମୁଖ୍ୟ ଆଧାରରେ ଆବେଦନକୁ ବିରୋଧ କରିଥିଲେ: ପ୍ରଥମେ, ସେ ଜଣେ ବିଧବା ହୋଇଥିବାରୁ ଆଇନର ଧାରା 2(6) ଅନୁଯାୟୀ ଭାଗଚାଷୀଙ୍କ ମାଧମରେ ବ୍ୟକ୍ତିଗତ ଭାବେ ଜମି ଚାଷ କରିବାକୁ ହକଦାର, ଏବଂ ଧାରା 37 ଲାଗୁ କରି ଆବେଦନକାରୀଙ୍କୁ ଦଖଲ ଫେରାଇବାର କୌଣସି ଅବକାଶ ନାହିଁ; ଦ୍ୱିତୀୟରେ, ଅଧିନିୟମର ଧାରା 15 ଅନୁଯାୟୀ ସେ ଜମି ସମର୍ପଣ କରିଥିଲେ, ଯେଉଁ କ୍ଷେତ୍ରରେ ଧାରା 37 ଲାଗୁ ହେବ ନାହିଁ ଏବଂ ଜମି ଦଖଲ ଫେରିପାଇବାର ପ୍ରଶ୍ନ ଉଠିନାହିଁ ।

ପ୍ରଥମ ସ୍ତରର ରାଜସ୍ୱ ଅଧିକାରୀ ଜାଣିବାକୁ ପାଇଛନ୍ତି ଯେ, ରାଜସ୍ୱ ଅଧିକାରୀଙ୍କ 6 ମଇ 1957 ତାରିଖର ଆଦେଶ ଅନୁଯାୟୀ, ତାଙ୍କ ଦ୍ୱାରା ଅଧିନିୟମର ଧାରା 31 ଅଧୀନରେ ଆରମ୍ଭ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଜମିର ଦଖଲ ଉତ୍ତରଦାତାଙ୍କ ସ୍ୱାମୀଙ୍କୁ ହସ୍ତାନ୍ତର କରାଯାଇଥିଲା । ସେ ଏହା ମଧ୍ୟ ଜାଣିବାକୁ ପାଇଛନ୍ତି ଯେ ଜମି ଦଖଲ ନେବା ତାରିଖ ଠାରୁ ବାର ବର୍ଷ ପୂର୍ବରୁ ଉତ୍ତରଦାତା ସେହି ଜମିକୁ ଅନ୍ୟ କାହାକୁ ଲିଜ୍ ଦେଇଥିବାରୁ, ଆବେଦନକାରୀ ଜମି ଫେରିପାଇବାକୁ ହକଦାର ହୋଇଥିଲେ । ପ୍ରଥମ ସ୍ତରର ରାଜସ୍ୱ ଅଧିକାରୀଙ୍କ ଉକ୍ତ ଆଦେଶ ବିରୁଦ୍ଧରେ, ଉପ-ଖଣ୍ଡିୟ ଅଧିକାରୀଙ୍କ ସମ୍ମୁଖରେ ଆବେଦନରେ ବିଫଳ ହେବା ପରେ, ଉତ୍ତରଦାତା ମହାରାଷ୍ଟ୍ର ରାଜସ୍ୱ

ନ୍ୟାୟାଧିକରଣଙ୍କ ପାଖରେ ଏକ ପୁନରୀକ୍ଷଣ ଆବେଦନ ଦାଖଲ କରିଥିଲେ । ନ୍ୟାୟାଧିକରଣ ଦ୍ୱାରା ଏହା ନିର୍ଣ୍ଣୟ ହୋଇଛି ଯେ; (i) ଧାରା 15 ଅନୁଯାୟୀ ଯୁକ୍ତି କରାଯାଇଥିବା ସମର୍ପଣ ଏକ ବୈଧ ସମର୍ପଣ ଥିଲା, ତେଣୁ, ଆବେଦନକାରୀ ଦଖଲ ଫେରସ୍ତ ପାଇବାକୁ ହକଦାର ନଥିଲେ; (ii) ଉତ୍ତରଦାତା ଜଣେ ବିଧବା ହୋଇଥିବାରୁ ସେ ଅଧିନିୟମର ଧାରା 2 (6) ରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ସେ ଜଣେ ଭାଗଚାଷୀଙ୍କ ମାଧ୍ୟମରେ ଜମି ଚାଷ କରିବାର ଲାଭ ପାଇବାକୁ ହକଦାର ଥିଲେ ଏବଂ ଜମିର ଦଖଲରେ ରହିବା ଦ୍ୱାରା  ତାଙ୍କର ଅଧିକାର ହାନି ହୋଇନଥିଲା । ନ୍ୟାୟାଧିକରଣ ଏହିପରି 31 ଜାନୁଆରୀ, 1981 ରେ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଇଥିଲେ । ଆବେଦନକାରୀଙ୍କ ଦ୍ୱାରା, ଉଚ୍ଚ ନ୍ୟାୟାଳୟରେ ଉପରୋକ୍ତରେ ଉଲ୍ଲିଖିତ ଆଜ୍ଞାଦେଶ କାର୍ଯ୍ୟାନୁଷ୍ଠାନରେ ନ୍ୟାୟାଧିକରଣଙ୍କ ସେହି ଆଦେଶକୁ ବିରୋଧ କରାଯାଇଥିଲା । ଏହି ଆବେଦନରେ ପ୍ରଦାନ କରାଯାଇଥିବା ଆକ୍ଷେପିତ ଆଦେଶ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ ଯାହା ଫଳରେ ଏହି ଆବେଦନକୁ ଆଗତ କରାଯାଇଛି ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ସୁଶ୍ରୀ ପ୍ରୋମିଲା ଯୁକ୍ତି କରିଛନ୍ତି ଯେ ନିମ୍ନରେ ଥିବା ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଧାରା 31 ଅନୁଯାୟୀ ପ୍ରଜସ୍ୱତ୍ୱର ସମାପ୍ତ ହୋଇଥିଲା ଏବଂ ବ୍ୟକ୍ତିଗତ ଭାବେ ଚାଷ କରିବା ପାଇଁ ଉତ୍ତରଦାତାଙ୍କ ଦ୍ୱାରା ସମ୍ପୃକ୍ତ ଜମିର ପୁର୍ନଦଖଲ କରାଯାଇଥିଲା ଯାହା ମଇ 6, 1957 ରେ ପାରିତ ରାଜସ୍ୱ ଅଧିକାରୀଙ୍କ ଆଦେଶ ଦ୍ୱାରା ସମର୍ଥିତ ଏବଂ ବାର ବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ଅନ୍ୟ କାହାକୁ ଜମି ଲିଜ୍ ଦେବା ଦ୍ୱାରା, ଧାରା 37 କୁ ଲାଗୁ କରାଯାଏ ଏବଂ ଆବେଦନକାରୀଙ୍କୁ ପୁର୍ନଦଖଲରୁ ବଞ୍ଚିତ କରାଯାଇପାରିବ ନାହିଁ, ତେଣୁ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଯିବା ଯୋଗ୍ୟ ।

ଅଧିନିୟମର ଧାରା 37 (1) କୁ ପଢ଼ିବା ସହାୟକ ହେବ ଯାହା ଆମର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ଅଟେ:

"*37. ଜମି ମାଲିକ ଯଦି ଏକ ବର୍ଷ ମଧ୍ୟରେ ଚାଷ କରିବାରେ ବିଫଳ ହୁଅନ୍ତି,* — (1) ଯଦି ଜମି ମାଲିକ, ପ୍ରଜସ୍ୱତ୍ୱ ସମାପ୍ତ ହେବା ପରେ [ଧାରା 31 ଅନୁଯାୟୀ], [ଧାରା 33B କିମ୍ବା ଏହି ଅଧିନିୟମର ଧାରା 34, ଯାହା ସଂଶୋଧନ ଅଧିନିୟମ, 1956 ଆରମ୍ଭ ହେବାର ତୁରନ୍ତ ପୂର୍ବରୁ ଥିଲା] ଜମିର ଦଖଲ ନେଇ, [ଧାରା 31], [ଧାରା 33B କିମ୍ବା ଏହି ଅଧିନିୟମର ଧାରା 34, ଯାହା ସଂଶୋଧନ ଅଧିନିୟମ, 1956 ଆରମ୍ଭ ହେବାର ତୁରନ୍ତ ପୂର୍ବରୁ ଥିଲା] ଅଧୀନରେ ଦିଆଯାଇଥିବା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ କୌଣସି ଉଦ୍ଦେଶ୍ୟରେ ଦଖଲ ନେବାର ବର୍ଷକ ମଧ୍ୟରେ ସେ ଏହାକୁ ବ୍ୟବହାର କରିବାରେ ବିଫଳ ହୁଅନ୍ତି କିମ୍ବା ଯେଉଁ ଦିନଠାରୁ ସେ ଦଖଲ ନେଇଥିଲେ କିମ୍ବା ଯେଉଁ ଦିନଠାରୁ ସେ ଏପରି ଦଖଲ ଗ୍ରହଣ କରିଥିଲେ ସେହି ଦିନଠାରୁ ବାର ବର୍ଷ ମଧ୍ୟରେ ଉପରୋକ୍ତ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର ନକରନ୍ତି, ଜମି ମାଲିକ ତୁରନ୍ତ ସେହି ଭାଗଚାଷୀଙ୍କୁ ଜମିର ଅଧିକାର ଫେରାଇ ଦେବେ, ଯାହାଙ୍କ ପ୍ରଜାସ୍ୱତ୍ୱ ତାଙ୍କ ଦ୍ୱାରା ସମାପ୍ତ ହୋଇଥିଲା, ଯେପର୍ଯ୍ୟନ୍ତ ସେ ଭାଗଚାଷୀଙ୍କ ଠାରୁ ସମାନ ନିବନ୍ଧନ ଓ ସର୍ତ୍ତାବଳୀରେ ପ୍ରଜାସ୍ୱତ୍ୱ ଗ୍ରହଣ କରିବାକୁ ଲିଖିତ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି କିମ୍ବା ସମାନ ନିବନ୍ଧନ ଓ ସର୍ତ୍ତାବଳୀରେ ଭାଗଚାଷୀଙ୍କୁ ଜମିର ଦଖଲ ଦେବାକୁ ଲିଖିତ ଭାବରେ ପ୍ରସ୍ତାବ ଦେଇଛନ୍ତି ଏବଂ ଭାଗଚାଷୀ ଏହି ପ୍ରସ୍ତାବକୁ ତିନି ମାସ ମଧ୍ୟରେ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ।"

ଉପରୋକ୍ତ ବ୍ୟବସ୍ଥାର ଏକ ସରଳ ପଠନ ଦର୍ଶାଏ ଯେ ଯେତେବେଳେ ଜଣେ ଜମି ମାଲିକ ଅଧିନିୟମର ଧାରା 31, 33B କିମ୍ବା 34 ଅନୁଯାୟୀ ପ୍ରଜାସ୍ୱତ୍ୱ ସମାପ୍ତ ହେବା ପରେ ଜମି ଦଖଲ କରନ୍ତି ଏବଂ ଜମି ଦଖଲ କରିବାର ଏକ ବର୍ଷ ମଧ୍ୟରେ ଉପରୋକ୍ତ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରିବାରେ ବିଫଳ ହୁଅନ୍ତି କିମ୍ବା ସେ *ଏପରି ଦଖଲ ଗ୍ରହଣ କରିଥିବା ତାରିଖ ଠାରୁ ବାର ବର୍ଷ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନକରନ୍ତି, ସେତେବେଳେ ସେ ଭାଗଚାଷୀଙ୍କୁ, ଯାହାର ପ୍ରଜାସ୍ୱତ୍ୱ ସମାପ୍ତ ହୋଇଥିଲା,* ତାଙ୍କୁ ଜମିର ପୁର୍ନଦଖଲ ଦେବାପାଇଁ ବାଧ୍ୟ ଅଟନ୍ତି । ତେବେ, ଏହି ଆଦେଶର ଦୁଇଟି ବ୍ୟତିକ୍ରମ ରହିଛି:(i) ସମାନ ନିବନ୍ଧନ ଓ ସର୍ତ୍ତାବଳୀରେ ପ୍ରଜାସ୍ୱତ୍ୱ ଗ୍ରହଣ କରିବାକୁ ଭାଗଚାଷୀ ଲିଖିତ ଭାବରେ ପ୍ରତ୍ୟାଖ୍ୟାନ କରିବା ଏବଂ (ii) ସମାନ ନିବନ୍ଧନ ଓ ସର୍ତ୍ତାବଳୀରେ ଜମି ଦଖଲ ଦେବା ପାଇଁ ଜମି ମାଲିକଙ୍କ ଲିଖିତ ପ୍ରସ୍ତାବ ପ୍ରାପ୍ତ ହେବାର ତିନି ମାସ ମଧ୍ୟରେ ଗ୍ରହଣ କରିବାରେ ବିଫଳତା । ଜମି ମାଲିକ ଜମି ଦଖଲ ନେବା ତାରିଖଠାରୁ ବାର ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ଚାଷ ପାଇଁ ଜମି ବ୍ୟବହାର ବନ୍ଦ କରିବା ଅଭିଯୋଗ ଉପରେ ଏଠାରେ ଧାରା 37 (1) କୁ ପ୍ରୟୋଗ କରାଯାଇଛି । ଅଧିନିୟମର ଧାରା 2 (6) ରେ "ବ୍ୟକ୍ତିଗତ ଭାବରେ ଚାଷ କରିବା" ବାକ୍ୟାଂଶକୁ ନିମ୍ନମତେ ବ୍ୟାଖ୍ୟା କରାଯାଇଛି:

"2 (6)."ବ୍ୟକ୍ତିଗତ ଭାବେ ଚାଷ କରିବାର ଅର୍ଥ ହେଉଛି ନିଜ ହିସାବରେ ଜମି ଚାଷ କରିବା

(i) ନିଜ ଶ୍ରମ ଦ୍ୱାରା, କିମ୍ବା

(ii) ନିଜ ପରିବାରର କୌଣସି ସଦସ୍ୟଙ୍କ ଶ୍ରମ ଦ୍ୱାରା, କିମ୍ବା

(iii) ନିଜେ କିମ୍ବା ନିଜ ପରିବାରର କୌଣସି ସଦସ୍ୟଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ, ଚାକରଙ୍କ ଦ୍ୱାରା ନିଯୁକ୍ତ ଶ୍ରମିକଙ୍କ ଦ୍ୱାରା ନଗଦ ମଜୁରି ହିସାବରେ କିମ୍ବା ଦୟାଭାବରେ କିନ୍ତୁ ଫସଲ ଭାଗ ଅନୁସାରେ ନୁହେଁ ।

ଯେଉଁ ଜମିର ସମଗ୍ର କ୍ଷେତ୍ର -

(a) ଗୋଟିଏ ଗାଁର ସୀମା ମଧ୍ୟରେ ଅବସ୍ଥିତ; କିମ୍ବା

(b) ଏପରି ଭାବରେ ଅବସ୍ଥିତ ଯେ କୌଣସି ଜମି ଖଣ୍ଡ ଅନ୍ୟଠାରୁ ପାଞ୍ଚ ମାଇଲରୁ ଅଧିକ ଦୂରତା ଦ୍ୱାରା ପୃଥକ ହୋଇନଥାଏ; କିମ୍ବା

(c) ଗୋଟିଏ ଛୋଟ ଖଣ୍ଡ ଗଠନ କରିଥାଏ:

ଉଲ୍ଲେଖଥାଉକି, ଖଣ୍ଡ (a), (b) ଏବଂ (c) ରେ ଥିବା କଟକଣା କୌଣସି ଜମି ଉପରେ ଲାଗୁ ହେବ ନାହିଁ,

(i) ଯାହା ସର୍ବୋଚ୍ଚ ସୀମାଠାରୁ ଦୁଇଗୁଣରୁ ଅଧିକ ହୋଇନଥିବ,

(ii) ସର୍ବୋଚ୍ଚ ସୀମାଠାରୁ ଦୁଇଗୁଣ ପର୍ଯ୍ୟନ୍ତ, ଯଦି ଏପରି ଜମି ସର୍ବୋଚ୍ଚ ସୀମାଠାରୁ ଦୁଇଗୁଣରୁ ଅଧିକ ହୋଇଥାଏ ।

> *ବ୍ୟାଖ୍ୟା-I* — ଜଣେ ବିଧବା କିମ୍ବା ନାବାଳକ, କିମ୍ବା ଶାରୀରିକ କିମ୍ବା ମାନସିକ ଅକ୍ଷମତାର ଶିକାର ହୋଇଥିବା ଜଣେ ବ୍ୟକ୍ତି, କିମ୍ବା ସଶସ୍ତ୍ର ବାହିନୀର ଜଣେ କାର୍ଯ୍ୟରତ ସଦସ୍ୟ ବ୍ୟକ୍ତିଗତ ଭାବେ ଜମି ଚାଷ କରନ୍ତି ବୋଲି ବିବେଚନା କରାଯିବ, ଯଦି ଏପରି ଜମି ସେବକଙ୍କ ଦ୍ୱାରା, କିମ୍ବା ଭଡ଼ାଟିଆ ଶ୍ରମିକଙ୍କ ଦ୍ୱାରା କିମ୍ବା ଭାଗଚାଷୀଙ୍କ ଦ୍ୱାରା ଚାଷ କରାଯାଏ ।
>
> *ବ୍ୟାଖ୍ୟା-II* — ଯୌଥ ପରିବାର କ୍ଷେତ୍ରରେ, ଜମି ବ୍ୟକ୍ତିଗତ ଭାବେ ଚାଷ କରାଯାଇଥିବା ବିବେଚନା କରାଯିବ, ଯଦି ଏପରି ପରିବାରର କୌଣସି ସଦସ୍ୟ ଏହାକୁ ଚାଷ କରନ୍ତି ।"

ଉପରେ ଉଦ୍ଧୃତ ବ୍ୟାଖ୍ୟା-1 ରେ ସ୍ପଷ୍ଟ ହୋଇଥିବା ସଂଜ୍ଞାର ଅନୁଧ୍ୟାନରୁ ଏହା ସ୍ପଷ୍ଟ ହୋଇଛି ଯେ ବିଧବା କିମ୍ବା ନାବାଳକ, କିମ୍ବା ଶାରୀରିକ କିମ୍ବା ମାନସିକ ଅକ୍ଷମତାର ଶିକାର ହୋଇଥିବା ବ୍ୟକ୍ତି, କିମ୍ବା ସଶସ୍ତ୍ର ବାହିନୀର ଜଣେ କାର୍ଯ୍ୟରତ ସଦସ୍ୟଙ୍କ କ୍ଷେତ୍ରରେ, ନିଜସ୍ୱ ଭାବରେ ଜମି ଚାଷ କରିବା, ସେବକ କିମ୍ବା ଶ୍ରମିକ କିମ୍ବା *ଭାଗଚାଷୀଙ୍କ ମାଧ୍ୟମରେ* ଅନ୍ତର୍ଭୁକ୍ତ । ଉତ୍ତରଦାତା ଜଣେ ବିଧବା ଏବଂ ସେ ନିଜ ପୁଅକୁ ମଧ୍ୟ ହରାଇଛନ୍ତି । ଯଦିଓ ସେ ଡାମୁ କାଲୁ ସୂର୍ଯ୍ୟବଂଶୀଙ୍କୁ ଲିଜରେ ଜମି ଦେଇଥିଲେ, ସେ ଉକ୍ତ ବାକ୍ୟର ଅର୍ଥ ମଧ୍ୟରେ ବ୍ୟକ୍ତିଗତ ଭାବରେ ଜମି ଚାଷ କରୁଥିବା ବିବେଚନା କରାଯିବ ।

ତେବେ, ସୁଶ୍ରୀ ପ୍ରୋମିଲା ଯୁକ୍ତି ବାଢ଼ିଛନ୍ତି ଯେ ଧାରା 4 ର ବ୍ୟାଖ୍ୟା II କୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କୁ ଜଣେ ଭାଗଚାଷୀ ଭାବେ ବିବେଚନା କରିବାକୁ ପଡ଼ିବ, ଯିଏ ଉକ୍ତ ଜମିର ପୁର୍ନଦଖଲ ପାଇବା ପାଇଁ ହକଦାର ।ଉକ୍ତ ବ୍ୟାଖ୍ୟାଟି ନିମ୍ନଲିଖିତ ଭାବେ ଅଛି:

> *ବ୍ୟାଖ୍ୟା II*- ଯେଉଁଠାରେ କୌଣସି ଜମି ଜଣେ ବିଧବା କିମ୍ବା ନାବାଳକ କିମ୍ବା ଶାରୀରିକ କିମ୍ବା ମାନସିକ ଅକ୍ଷମତା ଭୋଗୁଥିବା ବ୍ୟକ୍ତି କିମ୍ବା ସଶସ୍ତ୍ର ବାହିନୀର ଜଣେ କାର୍ଯ୍ୟରତ ସଦସ୍ୟଙ୍କ ଦ୍ୱାରା ଜଣେ ଭାଗଚାଷୀଙ୍କ ମାଧ୍ୟମରେ ଚାଷ କରାଯାଏ, ତେବେ ଧାରା 2 ର ଖଣ୍ଡ (6) ର ବ୍ୟାଖ୍ୟା I ରେ କିଛି ଥିବା ସତ୍ତ୍ୱେ, ଏହିପରି ଭାଗଚାଷୀଙ୍କୁ ଏହି ଧାରାର ଅର୍ଥ ମଧ୍ୟରେ ଭାଗଚାଷୀ ବୋଲି ବିବେଚନା କରାଯିବ ।

ବ୍ୟାଖ୍ୟାରୁ ଏହା ସ୍ପଷ୍ଟ ଯେ ଯେତେବେଳେ କୌଣସି ଜମି ଜଣେ ବିଧବା କିମ୍ବା ନାବାଳକ କିମ୍ବା ଶାରୀରିକ କିମ୍ବା ମାନସିକ ଅକ୍ଷମତା ଭୋଗୁଥିବା ଜଣେ ବ୍ୟକ୍ତି କିମ୍ବା ସଶସ୍ତ୍ର ବାହିନୀର ଜଣେ କାର୍ଯ୍ୟରତ ସଦସ୍ୟଙ୍କ ଦ୍ୱାରା ଜଣେ ଭାଗଚାଷୀଙ୍କ ମାଧ୍ୟମରେ ଚାଷ କରାଯାଏ, ସେତେବେଳେ ଧାରା 2 (6) ର ବ୍ୟାଖ୍ୟା I ରେ କିଛି ଥିବା ସତ୍ତ୍ୱେ, ଏହିପରି ଭାଗଚାଷୀ ଧାରା 4 ର ଅର୍ଥ ମଧ୍ୟରେ ଜଣେ ଭାଗଚାଷୀ ବୋଲି ବିବେଚନା କରାଯିବ ଯାହା 'ବିବେଚିତ ଭାଗଚାଷୀ' କୁ ନିର୍ଦ୍ଦିଷ୍ଟ କରେ । ସ୍ପଷ୍ଟତଃ, ସେଥିରେ ଉଲ୍ଲେଖ କରାଯାଇଥିବା ଭାଗଚାଷୀ ସେହି ଭାଗଚାଷୀ ନୁହଁନ୍ତି ଯିଏ ଅଧିନିୟମ 31 ଅନୁଯାୟୀ ଜମିର ଦଖଲକୁ ସମର୍ପଣ କରିଥିଲେ । ତେଣୁ, ଏହି ବ୍ୟାଖ୍ୟା ଆବେଦନକାରୀଙ୍କ ପାଇଁ କୌଣସି ସହାୟକ ହେବ ନାହିଁ ।

ଯେକୌଣସି ପରିସ୍ଥିତିରେ ଯେହେତୁ ଉତ୍ତରଦାତା ପ୍ରାୟ ଏଗାର ବର୍ଷ ଏବଂ କିଛି ମାସ ଧରି ଜମିର ଦଖଲରେ ରହି ଏହାକୁ ବ୍ୟବହାର କରିଥିଲେ, ଆମ ବିଚାରରେ, ଏହା ବିଚାର କରିବାରେ ଯଥାର୍ଥତା ଅଛି ଯେ ସେ ଅଧିନିୟମର ଧାରା 37 ରେ ଅନ୍ତର୍ଭୁକ୍ତ ବାର ବର୍ଷର ପ୍ରତିବନ୍ଧକକୁ ଉଲ୍ଲଙ୍ଘନ କରିନାହାଁନ୍ତି । ଏହି ପ୍ରସଙ୍ଗରେ, ଆମେ

ଉତ୍ତରଦାତାଙ୍କ ସ୍ୱାମୀଙ୍କ ସପକ୍ଷରେ ଆବେଦନକାରୀଙ୍କ ଦ୍ୱାରା ଉକ୍ତ ଜମିର ଦଖଲ ସମର୍ପଣ କରିବାର ସତ୍ୟତା କିମ୍ବା ବୈଧତା ବିଷୟରେ ପ୍ରଶ୍ନକୁ ଯିବା ଆବଶ୍ୟକ ବୋଲି ବିବେଚନା କରୁନାହୁଁ ।

ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ହସ୍ତକ୍ଷେପ କରିବା ପାଇଁ ଆମେ କୌଣସି ବେଆଇନତା ପାଇ ନାହୁଁ । ତଦନୁସାରେ ଆବେଦନ ଖାରଜ କରାଗଲା, କିନ୍ତୁ ମାମଲାର ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ବି. ଆର. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।